# ମେସର୍ସ. କାମରାଣ୍ଡି କୋ. ଲିମିଟେଡ଼

ବନାମ

# ଶ୍ରୀ ଉଶ୍ଣାଥ ପାକରାଶି

(ବି. ପି. ସିହ୍ନା, ପି. ବି. ଗଜେନ୍ଦ୍ରଗଡ଼କର ଏବଂ କେ. ଏନ୍. ୱାଞ୍ଚୋ, ନ୍ୟାୟାଧୀଶବୃନ୍ଦ)

1959
ମେ 21

*ଶିଳ୍ପ ବିବାଦ - ନ୍ୟାୟାଧିକରଣଙ୍କର କ୍ଷମତା- କେତେବେଳେ ପୁନଃପଦସ୍ଥିକରଣ ଆଦେଶ ଦିଆଯାଇପାରିବ -ଶିଳ୍ପ ବିବାଦ ଅଧିନିୟମ (/1947 ର 14), ଧାରା 33A, 10 ।*

ଉତ୍ତରଦାତା ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା 33A ଅନୁଯାୟୀ ଏକ ଆବେଦନ କରିଥିଲେ, ଯେଉଁଥିରେ ଅନ୍ୟ ବିଷୟଗୁଡ଼ିକ ମଧ୍ୟରେ କୁହାଗଲା ଯେ ନିୟନ୍ତ୍ରିତ ବିତରଣ ଦୋକାନ ବନ୍ଦ ହେବା ଯୋଗୁଁ ଛଟେଇ କରିବାର କୌଣସି କାରଣ ନାହିଁ, ଏବଂ ଯେକୌଣସି ପ୍ରକାରେ ସେ ଅନ୍ୟମାନଙ୍କ ତୁଳନାରେ ଅଧିକ ସମୟ ପର୍ଯ୍ୟନ୍ତ ସେବାରେ ଥିଲେ, ଏବଂ ସେଥିପାଇଁ, "ଶେଷରେ ଆସନ୍ତୁ, ପ୍ରଥମେ ଯାଆନ୍ତୁ" ର ନୀତିକୁ ଉଲ୍ଲଂଘନ କରାଯାଇଥିଲା । ନ୍ୟାୟାଧିକରଣ ଏହି ଦରଖାସ୍ତକୁ ଖାରଜ କରିଦେଲେ, ଯାହା ପରେ ଉତ୍ତରଦାତା ଅପିଲୀୟ ନ୍ୟାୟାଧିକରଣରେ ଆବେଦନ କଲେ, ଏବଂ ଛଟେଇ ପାଇଁ ଅନୁମତି ଦେବାକୁ ପ୍ରତ୍ୟାଖ୍ୟାନ କରି ଆବେଦନକୁ ଅନୁମତି ପ୍ରଦାନ କଲେ ।

ଅଧିନିୟମ 33A ଅନୁଯାୟୀ କୌଣସି ଦରଖାସ୍ତ ଉପରେ ପୁନଃସ୍ଥାପନ ଆଦେଶ ଦିଆଯାଇପାରିବ କି ନାହିଁ, ଏହି ସୀମିତ ପ୍ରଶ୍ନ ଉପରେ ଆବେଦନ କରିବାକୁ ଆବେଦନକାରୀ କମ୍ପାନୀକୁ ବିଶେଷ ଅନୁମତି ଆଦେଶ ଦିଆଯାଇଥିଲା ।

ନିର୍ଣ୍ଣୟ ନିଆଗଲା କି ଯେ , ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା 33A ଅନୁଯାୟୀ ଅଭିଯୋଗ, ସେହି ଅଧିନିୟମର ଧାରା 10 ପରି ପ୍ରାସଙ୍ଗିକ ଅଟେ ଏବଂ ନ୍ୟାୟାଧିକାରଣଙ୍କର ଅଧିନିୟମର ଧାରା 10 ଅନୁଯାଇ ଏହା ସହିତ କାରବାର କରିବା ପାଇଁ ସମ୍ପୂର୍ଣ୍ଣ କ୍ଷମତା ଅଛି, ଓ ଉଚିତ ସ୍ଥଳେ ପୁନଃପଦସ୍ଥିକରଣ ଆଦେଶ ଦେବାରେ ନ୍ୟାୟାଧିକରଣ ସ୍ୱାଧୀନ ଅଟନ୍ତି ।

ଦେୱାନୀ ଆବେଦନ ଅଧିକରିତା: ଦେୱାନୀ ଆବେଦନ ସଂଖ୍ୟା 1954 ର ସଂଖ୍ୟା 310 ରୁ ।

1959
କାମରାତି କୋ. ଲିମିଟେଡ୍ ବନାମ ଉଣ୍ଣାଥ ପାକରାଶି
ନ୍ୟାୟାଧୀଶ ୱାଞ୍ଚୋ

ଆବେଦନ ସଂଖ୍ୟା 1955 ର Cal 183 ରେ କଲିକତା ସ୍ଥିତ ଭାରତୀୟ ଶ୍ରମ ଅପିଲୀୟ ନ୍ୟାୟାଧିକାରଣଙ୍କର ତାରିଖ ମାର୍ଚ୍ଚ 22, 1956 ରେ ପାରିତ ରାୟ ଏବଂ ଆଦେଶରୁ ବିଶେଷ ଆବେଦନ ଦ୍ଵାରା ବର୍ତ୍ତମାନର ଏହି ଆବେଦନ ।

ଏନ୍. ସି. ଚାଟାର୍ଜୀ, ଏସ୍. ଏନ୍. ମୁଖାର୍ଜୀ ଏବଂ ବି. ଏନ୍. ଘୋଷ, ଆବେଦନକାରୀଙ୍କ ପାଇଁ ।

ପ୍ରତିବାଦୀଙ୍କ ପାଇଁ ସୁକୁମାର ଘୋଷ,

ମେ 21 1959 ରେ , ନ୍ୟାୟାଳୟଙ୍କ ଦ୍ଵାରା ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ୱାଞ୍ଚୋ -ଏହି ବିଶେଷ ଅନୁମତି ଆଦେଶ ଦ୍ଵାରା ଭାରତୀୟ ଶ୍ରମ ଆବେଦନ ନ୍ୟାୟାଧିକରଣଙ୍କର ଆଦେଶ ବିରୁଦ୍ଧରେ, ଶିଳ୍ପ ବିବାଦ ଅଧିନିୟମ, 33-A/1947 (ଏହା ପରେ ଏହାକୁ ଅଧିନିୟମ କୁହାଯାଏ) ଆଧାରରେ ଏକ ଆବେଦନ ଦ୍ଵାରା ପୁନଃପଦସ୍ଥିକରଣ କରାଯାଇ ପାରିବ କି ନାହିଁ, ଏହି ସୀମିତ ପ୍ରଶ୍ନ ଉପରେ ଆବେଦନ । ଏହି ପ୍ରଶ୍ନର ନିର୍ଣ୍ଣୟ ପାଇଁ ଆବଶ୍ୟକ ଏହି ସଂକ୍ଷିପ୍ତ ତଥ୍ୟଗୁଡିକ ଉଲ୍ଲେଖିତ | ଆବେଦନକାରୀ ହେଉଛନ୍ତି ଏକ ଝୋଟ ମିଲ୍ । ଏକ ଶିଳ୍ପ ନ୍ୟାୟାଧିକରଣଙ୍କ ପାଖରେ, ପଶ୍ଚିମବଙ୍ଗର ଅନେକ ଝୋଟ ମିଲ୍ ଏବଂ ସେମାନଙ୍କ କର୍ମଚାରୀଙ୍କ ମଧ୍ୟରେ ଏକ ବିବାଦ ବିଚାରାଧୀନ ଥିଲା, ଏବଂ ଆବେଦନକାରୀ ବିବାଦର ଏକ ପକ୍ଷ ଥିଲେ | ସେହି ବିବାଦ ବିଚାରଧୀନ ଥିବା ସମୟରେ, ଆବେଦନକାରୀଙ୍କ ଦ୍ଵାରା ପରିଚାଳିତ ନିୟନ୍ତ୍ରିତ ବିତରଣ ଦୋକାନରେ ଜଣେ କର୍ମଚାରୀ ଥିବା ପ୍ରତିବାଦୀଙ୍କୁ 19 ଜୁଲାଇ 1954 ରୁ ଛଟେଇ କରାଯାଇଥିଲା, କାରଣ ଖାଦ୍ୟ ସାମଗ୍ରୀର ଆବଣ୍ଟନ ଜୁଲାଇ 10,1954 ରୁ ସମାପ୍ତ ହୋଇଥିଲା | ଛଟେଇ ହେବାର କାରଣ ଏହାଥିଲା ଯେ, ବିତରଣ ସାମଗ୍ରୀ ଶେଷ ହେବା ପରେ ରାସନ ଦୋକାନ ବନ୍ଦ ହୋଇଯାଇଥିଲା ।ଏହାର ଫଳସ୍ଵରୂପ ସେହି ଦୋକାନରେ କର୍ମଚାରୀ ଜଣକ ବଳକା ହୋଇଗଲେ । ଫଳସ୍ଵରୂପ "ଶେଷରେ ଆସନ୍ତୁ, ପ୍ରଥମେ ଯାଆନ୍ତୁ" ନୀତି ଆଧାରରେ ନଅ ଜଣଙ୍କୁ ଛଟେଇ ପାଇଁ ଚୟନ କରାଯାଇଥିଲା ଏବଂ ପ୍ରତିବାଦୀ ସେମାନଙ୍କ ମଧ୍ୟରୁ ଜଣେ ଥିଲେ । ଆବେଦନକାରୀ, ଆଇନର ଧାରା 33 ଅନୁଯାୟୀ ପ୍ରତିବାଦୀଙ୍କ ସହିତ ଅନ୍ୟମାନଙ୍କୁ ଛଟେଇ କରିବା ପାଇଁ ଶିଳ୍ପ ନ୍ୟାୟାଧିକରଣ ଅନୁମତି ଯାଚନା କରିଥିଲେ । ଅଧିନିୟମ 33 ଅଧୀନରେ ଆବେଦନ କରିବାର କିଛି ସମୟ ପୂର୍ବରୁ, ପ୍ରତିବାଦୀ ଧାରା 33-A ଅଧିନିୟମ ଅନୁଯାୟୀ ଆବେଦନ କରିଥିଲେ ଏବଂ ତାଙ୍କ ମାମଲା ଥିଲା ଯେ ନିୟନ୍ତ୍ରିତ ବିତତରଣ ଦୋକାନ ବନ୍ଦ ହେବା କାରଣରୁ ଛଟେଇ କରିବାର କୌଣସି କାରଣ ନାହିଁ ଏବଂ ଅନ୍ୟମାନଙ୍କ ତୁଳନାରେ ସେ ଅନ୍ତତଃ ଅଧିକ ସମୟ ଚାକିରିରେ ଥିଲେ ତେଣୁ "ଶେଷରେ ଆସ ପ୍ରଥମେ ଯାଅ" ନୀତି ଅନୁସରଣ କରାଯାଇ ନଥିଲା । ଏହା ମଧ୍ୟ ଦର୍ଶାଯାଇଥିଲା ଯେ ପ୍ରତିବାଦୀ ସଂଘର ଜଣେ ସକ୍ରିୟ କର୍ମୀ ହୋଇଥିବାରୁ ସେ,

ଆବେଦନକାରୀଙ୍କ ଭଲ ନଜରରେ ନଥିଲେ ତେଣୁ, ପ୍ରତିବାଦୀଙ୍କୁ ଚାକିରିରୁ ସେବା ନିବୃତ କରାଯାଇଥିଲା । ତେଣୁ ଏହା ପ୍ରାର୍ଥନା କରାଯାଇଥିଲା ଯେ ତଥାକଥିତ ଛଟେଇ ପରଠାରୁ ପ୍ରତିବାଦୀଙ୍କୁ ସମ୍ପୂର୍ଣ୍ଣ ମଜୁରୀ ଏବଂ ସୁବିଧାଗୁଡ଼ିକର ଅନୁମତି ଦିଆଯିବା ଉଚିତ, କାରଣ ଏହା ଛଟେଇଠାରୁ ଅଧିକ କିମ୍ବା କମ୍ ନୁହେଁ ଏବଂ ତାଙ୍କୁ ପୁନଃସ୍ଥାପିତ କରାଯିବା ଉଚିତ।

ଶିଳ୍ପ ନ୍ୟାୟାଧିକରଣ ଏହି ଉପସଂହାର ପହଞ୍ଚିଲେ ଯେ ନିୟନ୍ତ୍ରିତ ବିତତରଣ ଦୋକାନ ବନ୍ଦ ହେବା କାରଣରୁ ଛଟେଇ କରିବା ଆଇନସମତ୍ତ ଥିଲା ଏବଂ ଆବେଦନକାରୀଙ୍କୁ "ଶେଷରେ ଆସନ୍ତୁ ପ୍ରଥମେ ଯାଆନ୍ତୁ" ନୀତି ଉପରେ ପ୍ରତିବାଦୀଙ୍କୁ ଛଟେଇ କରିବାକୁ ଅନୁମତି ଦିଆଯାଇଥିଲା। ପ୍ରତିବାଦୀ ଶ୍ରମ ଅପିଲ ନ୍ୟାୟାଧିକରଣରେ ଆବେଦନ କରିଥିଲେ । ସେ ସେଠାରେ, ଛଟେଇ କରିବାର ଆଦୌ ଆବଶ୍ୟକତା ନଥିଲା ବୋଲି ଅନୁରୋଧ କରିନଥିଲେ । ସେଠାରେ ଦାବି କରାଯାଇଥିଲା ତାହା ଥିଲା ଯେ ଶିଳ୍ପ ନ୍ୟାୟାଧିକରଣ, ଏହି ମାମଲାରେ "ଶେଷର ଆସନ୍ତୁ ପ୍ରଥମେ ଯାଆନ୍ତୁ" ନୀତି ଅନୁସରଣ କରାଯାଇଛି ବୋଲି କହିବା ଭୁଲ ଥିଲା । ଅପିଲ ନ୍ୟାୟାଧିକରଣ ଏହି ଉପସଂହାରରେ ଉପନୀତ ହେଲେ ଯେ, ପ୍ରତିବାଦୀ ଜଣଙ୍କ, ଅନ୍ୟ ବଜାୟ ରଖାଯାଇଥିବା କର୍ମଚାରୀମାନଙ୍କ ତୁଳନାରେ ଅଧିକ ସମୟ ଧରି ଚାକିରିରେ ଥିଲେ, ସେଥିପାଇଁ "ଶେଷରେ ଆସନ୍ତୁ ପ୍ରଥମେ ଯାଆନ୍ତୁ" ନୀତିକୁ ଉଲ୍ଲଂଘନ କରାଯାଇଛି । ଫଳସ୍ୱରୂପ, ଆବେଦନକୁ ଅନୁମତି ପ୍ରଦାନ କରାଯାଇଥିଲା ଏବଂ ପ୍ରତିବାଦୀଙ୍କୁ ପୁନଃସ୍ଥାପନ କରିବାର ଅନୁମତିକୁ ଖାରଜ କରାଯାଇଥିଲା । ଅପିଲ ନ୍ୟାୟାଧିକରଣ ଏହା ମଧ୍ୟ ଆଦେଶ ଦେଇଛନ୍ତି ଯେ ପ୍ରତିବାଦୀଙ୍କ ଚାକିରିର ନିରବିଚ୍ଛିନ୍ନତାରେ କୌଣସି ବାଧା ବିନା ସେବାରେ ପୁନଃସ୍ଥାପନ କରାଯିବା ଉଚିତ ଏବଂ ଆବେଦନକାରୀଙ୍କ ଜୁଲାଇ 19,1954 ରୁ ସେବା ବନ୍ଦ କରିବାପାଇଁ ଦିଆଯାଇଥିବା ନିଷ୍ପତିକୁ ବାତିଲ କରାଯାଇଥିଲା । ଏହା ପରେ ଆବେଦନକାରୀ ଏହି ଅଦାଲତକୁ ଆସିଥିଲେ ଏବଂ ଉର୍ଦ୍ଧରେ ଦର୍ଶାଯାଇଥିବା ପରି ଏହି ସୀମିତ ପ୍ରଶ୍ନ ଉପରେ ଆବେଦନ କରିବାକୁ ଆବେଦନକାରୀଙ୍କୁ ବିଶେଷ ଅନୁମତି ଆଦେଶ ଦିଆଯାଇଥିଲା ।

ଆମ ମତ, ଯେଉଁ ସୀମିତ ପ୍ରଶ୍ନ ଉପରେ ଆବେଦନ କରିବାକୁ ଆବେଦନକାରୀଙ୍କୁ ବିଶେଷ ଅନୁମତି ପ୍ରଦାନ କରାଯାଇଥିଲା, ତାହାର ଉତ୍ତର କେବଳ ଧାରା 33 A କୁ ଦୃଷ୍ଟିରେ ରଖି ବିଶ୍ଳେଷଣ କରାଯାଇପାରେ । ସେହି ଧାରା ଉଲ୍ଲେଖ କରେ ଯେ "ନ୍ୟାୟାଧିକରଣଙ୍କ ସମ୍ମୁଖରେ ବିଚାରଧିନ ଥିବା ସମୟରେ ଯଦି ଜଣେ ନିଯୁକ୍ତିଦାତା ଧାରା 33 ର ବ୍ୟବସ୍ଥା ଗୁଡିକୁ ଉଲଂଘନ କରନ୍ତି, ତେବେ ପୀଡ଼ିତ କର୍ମଚାରୀ ନ୍ୟାୟାଧିକରଣଙ୍କୁ ଲିଖିତ ଭାବେ ଅଭିଯୋଗ କରିପାରିବେ ଏବଂ ଏପରି

1959
କାମରାଣି କୋ. ଲିମିଟେଡ଼ ବନାମ ଉଣ୍ଣାଥ ପାକରାଣି
ନ୍ୟାୟାଧୀଶ ୱାଞ୍ଚୋ

ଅଭିଯୋଗ ପାଇବା ପରେ ନ୍ୟାୟାଧିକରଣ ଯେପରି ଏହା ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ତାଙ୍କ ସମ୍ମୁଖରେ ପ୍ରେରିତ କିମ୍ବା ବିଚାରଧିନ ଅଛି ଏବଂ ଉପଯୁକ୍ତ ଆଦେଶ ପ୍ରଦାନ କରିବେ, ଏବଂ ଏହି ଅଧିନିୟମର ବ୍ୟବସ୍ଥା ସେହି ଅନୁଯାୟୀ ଲାଗୁ ହେବ" । ଏହା ସ୍ୱଷ୍ଟ ଯେ ଅଧିନିୟମର ଧାରା 33-A ଅନୁଯାୟୀ ଅଭିଯୋଗ, ଅଧିନିୟମର ଧାରା 10 ଅନୁଯାୟୀ ସୁପାରିଶ ଏକ ବିଚାରର୍ଥେ ପ୍ରେରଣ ପରି ଏବଂ ନ୍ୟାୟାଧିକରଣଙ୍କର, ଏହାକୁ ଧାରା 10 ଅନୁଯାୟୀ ବିବେଚନା କରିବା ପାଇଁ ସମସ୍ତ କ୍ଷମତା ରହିଅଛି । ତେଣୁ ଏହା ଅନୁସରଣ କରେ ଯେ ନ୍ୟାୟାଧିକରଣଙ୍କର ଏପରି ଆଦେଶ ଦେବା ପାଇଁ କ୍ଷମତା ଅଛି ଯାହା ମାମଲାରେ ଉପଯୁକ୍ତ ଉପଶମ ହୋଇପାରେ ଏବଂ ଯେପରି ଜଣେ ଶ୍ରମିକଙ୍କ ବରଖାସ୍ତ କିମ୍ବା କାର୍ଯ୍ୟାନ୍ତର ଭଳି ଏହାକୁ ବିଚାରାର୍ଥେ ପ୍ରେରଣ ହୋଇଥିବା ଏକ ବିବାଦରେ ଏହା କରିପାରନ୍ତି । ଏପରି ବିବାଦରେ ଉପଯୁକ୍ତ ମାମଲାରେ ପୁନଃସ୍ଥାପନ ଆଦେଶ ଦେବା ପାଇଁ ନ୍ୟାୟାଧିକାରଣ ସ୍ୱାଧୀନ ଅଟନ୍ତି । ତେଣୁ ଧାରା 33- A ଅନୁସରେ କରାଯାଇଥିବା ଏକ ଅଭିଯୋଗ, ଯାହାକି ସ୍ୱଭାବତଃ ବିବାଦୀୟ ଏବଂ ଏହା ଅଧିନିୟମର ଧାରା 10 ଅନୁଯାଇ ନ୍ୟାୟାଧିକରଣଙ୍କୁ ପ୍ରେରଣ କରାଯାଇଥାଏ ତେବେ, ଏପରି ଅଭିଯୋଗ ଉପରେ ପୁନଃସ୍ଥାପନ ଆଦେଶ ଦେବା ନିଶ୍ଚିତ ଭାବରେ ଏହାର କ୍ଷମତା ମଧ୍ୟରେ ଅଛି, ଯଦି ଅଭିଯୋଗ ହେଉଛି ଯେ କର୍ମଚାରୀ ଧାରା 33 ଭଙ୍ଗ କରି ବରଖାସ୍ତ ହୋଇଛନ୍ତି କିମ୍ବା କାର୍ଯ୍ୟାନ୍ତର ହୋଇଛନ୍ତି ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଏହି ଯୁକ୍ତି ଉପସ୍ଥାପନା କରିବାକୁ ଚାହୁଁଥିଲେ ଯେ ଏହା ଏକ କାର୍ଯ୍ୟାନ୍ତର କିମ୍ବା ବରଖାସ୍ତ ମାମଲା ନୁହେଁ, ବରଂ ଏକ ଛଟେଇ ମାମଲା ଅଟେ । ଆମେ ତାଙ୍କୁ ଏହି ତର୍କ ଉଠାଇବାକୁ ଅନୁମତି ଦେଇନଥିଲୁ କାରଣ ଆବେଦନ କରିବାକୁ ବିଶେଷ ଅନୁମତି, ଊର୍ଦ୍ଧରେ ପ୍ରକାଶ କରାଯାଇଥିବା ପ୍ରଶ୍ନ ମଧ୍ୟରେ ସୀମିତ ଥିଲା । ସେହି ପ୍ରଶ୍ନର ଉତ୍ତର ପୂର୍ବରୁ ଊର୍ଦ୍ଧରେ ସୂଚିତ ହୋଇସାରିଛି ଏବଂ ସେହି ଉତ୍ତର ଆଧାରରେ ଆବେଦନ ବିଫଳ ହେବା ଆବଶ୍ୟକ ।ତେଣୁ ଆମେ ଆବେଦନକୁ ଖାରଜ କରୁ, କିନ୍ତୁ ଏହି ପରିସ୍ଥିତିରେ ଆମେ ଏହି ନ୍ୟାୟାଳୟର ଖର୍ଚ୍ଚ ବିଷୟରେ କୌଣସି ରାୟ ଦେଉ ନାହୁଁ ।

ଆବେଦନକୁ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।